# ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରତି 'ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ'ଙ୍କ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିସ ରିପୋର୍ଟ ।

(ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ତହସିଲ ଅନ୍ତର୍ଗତ ଜାଗମରା ଗ୍ରାମରେ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦର, ଭୁବନେଶ୍ୱର ଓଡିଶାର ସଂପ୍ରସାରଣ ନିମନ୍ତେ ଜମି ଅଧିଗ୍ରହଣ ସମ୍ପର୍କେ )

## ବୈଧାନୀକ ବ୍ୟବସ୍ଥା

ଜାଗମରା ଗ୍ରାମରେ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦର, ଭୁବନେଶ୍ୱର ଓଡିଶାର ସଂପ୍ରସାରଣ ନିମନ୍ତେ ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ତହସିଲ ଅନ୍ତର୍ଗତ ମୌଜା- ଜାଗମରା ରୁ ଏ. ୦.୫୯୨ ଡିସିମିଲ ପରିମିତ ବେସରକାରୀ ଜମି ଅଧିଗ୍ରହଣ ନିମନ୍ତେ ଡିରେକ୍ଟର ଅଫ ଇଷ୍ଟେଟ ଆଣ୍ଡ ଏକ୍ସ-ଅଫିସିଓ-ଆଡିସନାଲ ସେକ୍ରେଟାରୀ ଟୁ ଗଭର୍ଣ୍ଣମେଣ୍ଟ, ସାଧାରଣ ପ୍ରଶାସନ ବିଭାଗଙ୍କ ଠାରୁ ପ୍ରସ୍ତାବ ପ୍ରାପ୍ତ ହେବା ପରେ ତତ ସମ୍ପର୍କେ "ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ଆଇନ, ୨୦୧୩ ର ଧାରା ୪ ଅନୁଯାୟୀ ଆବଶ୍ୟକ ହେଉଥିବା ସାମାଜିକ-ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ କରିବା ପାଇଁ ନିମ୍ନ ମତେ ଅଧିସୂଚନା ମାନ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପ୍ରକାଶନ ହୋଇଅଛି ।

### ଅଧିସୂଚନା

| କ୍ରମିକ ନଂ | ତହସିଲ | ଗ୍ରାମ | ପ୍ରସ୍ତାବିତ ଅଧିଗ୍ରହଣ ବ୍ୟକ୍ତିଗତ ଜମି | ଅଧିସୂଚନା ସଂଖ୍ୟା ଓ ତାରିଖ |
|---|---|---|---|---|
| ୧ | ଭୁବନେଶ୍ୱର | ଜାଗମରା | ଏ. ୦.୫୯୨ | ୪୧୧୪ / ରାବିପ ତା ୩୧.୦୧.୨୦୧୮ ରିଖ |

## ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ

ଉକ୍ତ ଅଧିସୂଚନା ମତେ "ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ" ର ଭାର ରାଜ୍ୟ ସର୍ବେକ୍ଷଣ ଅନୁଷ୍ଠାନ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ (ଏନ.ସି.ଡି.ଏସ) ଭୁବନେଶ୍ୱରକୁ ହସ୍ତାନ୍ତର କରାଯାଇଥିଲା । ପରେ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର 'ନିର୍ଦ୍ଦେଶ' ନାମକ ସ୍ୱାଧୀନ ଗବେଷଣା ସଂସ୍ଥାକୁ ଉକ୍ତ କାର୍ଯ୍ୟ ସମ୍ପାଦନ କରିବାର ଦାୟିତ୍ୱ ପ୍ରଦାନ କରିଥିଲେ ।

ଏହି ସର୍ବେକ୍ଷଣ ସଂସ୍ଥା ଆଇନର ଆବଶ୍ୟକତା ଅନୁସାରେ ସର୍ବେକ୍ଷଣ ମାଧ୍ୟମରେ ସର୍ଭେ କରି ପ୍ରକଳ୍ପ ପ୍ରଭାବିତ ପରିବାର, ପ୍ରକଳ୍ପ ପ୍ରଭାବିତ ଜନସଂଖ୍ୟା, ସାମାଜିକ ବିବରଣୀ, ପରିବାରର ସମ୍ପୂର୍ଣ୍ଣ ବିବରଣୀ, ଜୀବିକା, ଆୟର ପନ୍ଥା, ପରିବାରର ମୋଟ ବ୍ୟୟ, ପରିବାରର ଆସବାବ ପତ୍ର, ପ୍ରଭାବିତ

ହେବାକୁ ଥିବା କୋଠାବାଡି, ବ୍ୟବସାୟିକ ବା ଆମ୍ନ ନିଯୁକ୍ତି ଭିତ୍ତିକ କାର୍ଯ୍ୟପଛା ନିଯୁକ୍ତିର ପ୍ରଣାଳୀ ପ୍ରଭୃତି ସାକ୍ଷାତକାର ସୂଚିରେ ଏକ ପୂର୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରିଛନ୍ତି ।

ଉକ୍ତ ବିବରଣୀ ଆଧାରରେ ଆବଶ୍ୟକ ଅନୁଯାୟୀ ଏକ "ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ମଧ୍ୟ ପ୍ରସ୍ତୁତ କରିଛନ୍ତି ।

**ଜନଶୁଣାଣି (ଧାରା-୫)**

"ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଧାରା ୫ ଅନୁସାରେ ପ୍ରଭାବିତ ଅଞ୍ଚଳ ରେ ସ୍ଥାନ, ତାରିଖ ଓ ସମୟ ସଂକ୍ରାନ୍ତରେ ସର୍ବସାଧାରଣଙ୍କୁ ଯଥେଷ୍ଟ ପୂର୍ବରୁ ଜଣାଇଦିଆଯାଇଥିଲା ।

ଆୟୋଜିତ ଜନଶୁଣାଣି କାର୍ଯ୍ୟ ଜାଗମରା ମୌଜା ଅନ୍ତର୍ଗତ ବିବେକାନନ୍ଦ ୟୁଥ ଆସୋସିଏସନ ଠାରେ ସମାପନ ହୋଇଥିଲା । ଉକ୍ତ ଜନଶୁଣାଣି ର ବିଷଦ ବିବରଣୀ ଚୂଡାନ୍ତ ସର୍ବେକ୍ଷଣ ବିବରଣୀରେ ବର୍ଣିତ ହୋଇଅଛି ।

ଜନଶୁଣାଣି ସମୟରେ କ୍ଷତିଗ୍ରସ୍ତ ପରିବାର ତଥା ଗ୍ରାମବାସି ମାନେ ବହୁ ସଂଖ୍ୟାରେ ଯୋଗ ଦେଇ ପ୍ରଶ୍ନୋତ୍ତର ମାଧ୍ୟମରେ ନିଜ ନିଜର ସନ୍ଦେହ ମୋଚନ କରିଥିଲେ ଏବଂ ପ୍ରକଳ୍ପ ସପକ୍ଷରେ ମତବ୍ୟକ୍ତ କରିବା ସହ ନିଜର ଜମିକୁ ଉକ୍ତ ପ୍ରକଳ୍ପ ପାଇଁ ଡିରେକ୍ଟର ଅଫ ଇଷ୍ଟେଟ ଆଣ୍ଡ ଏକ୍ସ-ଅଫିସିଓ-ଆଡିସନାଲ ସେକ୍ରେଟାରୀ ଟୁ ଗଭର୍ଣ୍ଣମେଣ୍ଟ, ସାଧାରଣ ପ୍ରଶାସନ ବିଭାଗଙ୍କୁ ଦେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ ।

ଏଥିରେ ଶ୍ରୀମତୀ ପୁଷ୍ପଲତା ସାହୁ, ଓ.ପ୍ର.ସେ, (ବରିଷ୍ଠ), ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା ମହାଶୟା ପୌରହିତ କରିଥିଲେ ଏବଂ ନିମ୍ନ ଲିଖିତ ସଦସ୍ୟ ଓ ବିଭାଗୀୟ ଅଧିକାରିଗଣ ଉପସ୍ଥିତ ଥିଲେ ।

୧. ଶ୍ରୀଯୁକ୍ତ ସନାତନ ଆଚାର୍ଯ୍ୟ, ଅତିରିକ୍ତ ତହସିଲଦାର, ଭୁବନେଶ୍ୱର
୨. ଶ୍ରୀଯୁକ୍ତ ଗିରିଧାରୀ ପଟ୍ଟନାୟକ, ଡିରେକ୍ଟର, ନିର୍ଦ୍ଦେଶ
୩. ସୁଜିତ କୁମାର ସ୍ୱାଇଁ, କୋର୍ପୋରେଟର ୱାର୍ଡ ନଂ-୫୦, ବି.ଏମ.ସି
୪. ଶ୍ରୀଯୁକ୍ତ ପ୍ରକାଶ କୁମାର ସାହୁ, ଏସ.ଆଇ.ଏ ଦଳର ସଦସ୍ୟ, ନିର୍ଦ୍ଦେଶ
୫. ଶ୍ରୀଯୁକ୍ତ ଜ୍ୟୋତି ରଞ୍ଜନ ରଥ, ଆର.ଆଇ, ପାତ୍ରପଡା, ଭୁବନେଶ୍ୱର
6. ଶ୍ରୀମତୀ ତୃପ୍ତି ତନୟା ଷଡଙ୍ଗୀ, ଆର.ଆଇ, ଜି.ଏ ଆଣ୍ଡ ପି.ଜି, ବିଭାଗ

ଏତଦବ୍ୟତୀତ, ସାମାଜିକ ପ୍ରଭାବ ଆକଳନ ସଂସ୍ଥାର ଅଧିକାରୀ ବୃନ୍ଦ, ଜମି ହରାଉଥିବା ପରିବାର ଓ ଜାଗମରା ଗ୍ରାମର ଅନ୍ୟ ଅଧିବାସୀ ମାନେ ଶୁଣାଣି ରେ ଅଂଶଗ୍ରହଣ କରିଥିଲେ ।

ଏହି ଜନଶୁଣାଣିର ପ୍ରାରମ୍ଭରେ ଶ୍ରୀମତୀ ପୁଷ୍ପଲତା ସାହୁ, ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା ନିଜର ପରିଚୟ ପ୍ରଦାନ କଲାପରେ ମଞ୍ଚ ଉପରେ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ନିଜ ନିଜର ପରିଚୟ ଦେବା ପାଇଁ

ଅନୁରୋଧ କରିଥିଲେ । ଏହାପରେ ବୈଠକ ରେ ଉପସ୍ଥିତ ଥିବା ସମସ୍ତ ବ୍ୟକ୍ତିଙ୍କୁ ସ୍ୱାଗତ ଜଣାଇ ଜନଶୁଣାଣିର ଉଦ୍ଦେଶ୍ୟ ସମ୍ବନ୍ଧରେ ଅବଗତ କରାଇଥିଲେ ।

ଏହାପରେ ସାମାଜିକ ପ୍ରଭାବ ଆକଳନକାରୀ ସଂସ୍ଥା "ନିର୍ଦ୍ଦେଶ" ର ସଦସ୍ୟ ଶ୍ରୀଯୁକ୍ତ ପ୍ରକାଶ କୁମାର ସାହୁ, ସାମାଜିକ ଆକଳନ ଚିଠା ବିବରଣୀ ଉପରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ । ସଭାରେ ଉପସ୍ଥିତ ସମସ୍ତ ଅଧିକାରୀବୃନ୍ଦ ଏବଂ ଜମି ହରାଉଥିବା ଜମିମାଲିକଙ୍କୁ ଚିଠା ବିବରଣୀ ସାରାଂଶର ଏକ ନକଲ ବଣ୍ଟା ଯାଇଥିଲା । ପ୍ରକଳ୍ପ ନିର୍ମାଣ ହେଉଥିବା ଅଞ୍ଚଳରେ ଜନସାଧାରଣ, ଲୋକପ୍ରତିନିଧି, ସାମାଜିକ କର୍ମକର୍ତ୍ତା ତଥା ବରିଷ୍ଠ ନାଗରିଙ୍କ ସହ ସାକ୍ଷାତକାର ଓ ସମୂହ ଆଲୋଚନାଚକ୍ର ପରେ ସେମାନଙ୍କ ମତାମତ ଓ ପର୍ଯ୍ୟବେକ୍ଷଣ କୁ ନେଇ ଚିଠାଟି ସ୍ୱଷ୍ଟଭାବେ ପ୍ରସ୍ତୁତ କରାଯାଇଅଛି ।

ଏହାପରେ ଉପସ୍ଥିତ ଥିବା ଜମିହରା ପ୍ରଜା ମାନଙ୍କ ମଧ୍ୟରୁ ସୁକାନ୍ତି ତନୟା ସାମନ୍ତରାୟ, ଶ୍ରୀ ଜନକିସ ବଡପଣ୍ଡା, ଶ୍ରୀଯୁକ୍ତ ଜୀବନ କୁମାର ମହାପାତ୍ର ଓ ପ୍ରକାଶ ସେଠି ଆଦି ନିଜ ନିଜର ବକ୍ତବ୍ୟ ପ୍ରଦାନ ସହ ପ୍ରସ୍ତାବିତ ଅଧିଗ୍ରହଣ ଯୋଗୁ ହେବାକୁ ଥିବା କ୍ଷୟକ୍ଷତି ସମ୍ବନ୍ଧରେ ଅବଗତି କରାଇଥିଲେ ଓ ଏଥି ନିମନ୍ତେ ଉପଯୁକ୍ତ କ୍ଷତିପୂରଣ ପାଇବା ପାଇଁ ଦାବି କରିଥିଲେ ।

ସ୍ଥାନୀୟ କର୍ପୋରେଟର, ଶ୍ରୀଯୁକ୍ତ ସୁଜିତ କୁମାର ସ୍ୱାଇଁ, ଉକ୍ତ ପ୍ରକଳ୍ପର ନିର୍ମାଣ ନିମନ୍ତେ ଅଧିଗୃହିତ ହେବାକୁ ଥିବା ଜମିର ଆବଶ୍ୟକତା ଉପରେ ମନ୍ତବ୍ୟ ରଖିଥିଲେ ଓ ଜମି ମାଲିକ ମାନଙ୍କୁ ସର୍ବୋତ୍ତମ କ୍ଷତିପୂରଣ ଦେବାପାଇଁ ଦାବିକରିବା ସହ ପ୍ରଥମିକତା ଆଧାରରେ ସେମାନଙ୍କ ପରିବାରକୁ ବି.ଡି.ଏ ବା ହାଉସିଂ ବୋର୍ଡ ଠାରୁ ବାସଗୃହ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ । ଉପସ୍ଥିତ ନନ୍ଦ ପରିବାରର ସଭ୍ୟ ମାନେ ସେମାନଙ୍କ ଅଭିଯୋଗ ଉପସ୍ଥାପନ କରି ସରକାର ସେମାନଙ୍କ ଜମିକୁ ବିମାନ ବନ୍ଦର ନିମନ୍ତେ ବାରମ୍ବାର ଅଧିଗ୍ରହଣ କରି ସେମାନଙ୍କ ବାସଗୃହ ଓ ସଞ୍ଜିତ ରାସ୍ତା କୁ ଅଧିଗ୍ରହଣ କରିସାରିଥିବାରୁ ଯାତାୟାତ ନିମନ୍ତେ ଗୋଟିଏ ନୂତନ ରାସ୍ତା ପ୍ରଦାନ କରିବାକୁ ଅନୁରୋଧ କରିଥିଲେ । ପରିଶେଷରେ, ସଭ୍ୟ ମାନେ ଭୂ-ଅଧିଗ୍ରହଣ ପ୍ରସ୍ତାବକୁ ସମର୍ଥନ କରିବା ସହ ଏସମ୍ବନ୍ଧରେ ନିଜର ସଂକରାତ୍ମକ ଆଭିମୁଖ୍ୟ ବ୍ୟକ୍ତ କରିଥିଲେ । ଏହାପରେ ସଭାପତି ଉପସ୍ଥିତ ସମସ୍ତ ସଭ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

**ପ୍ରକାଶନ (ଧାରା-୬)**

ପ୍ରଭାବିତ ଗ୍ରାମରେ ଜନଶୁଣାଣି ପରେ ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଏବଂ "ସାମାଜିକ ପ୍ରଭାବ ପରିଚାଳନା ଯୋଜନା" ବିବରଣୀକୁ ଆଇନ ଧାରା ୬ ମତେ ବିଧିବଦ୍ଧ ଭାବେ ପ୍ରକାଶନ କରାଯାଇଥିଲା ।

**ଆଇନର ଧାରା ୭ ଉପଧାରା ୧ ଅନୁସାରେ "ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଦ୍ୱାରା ଚୁଡାନ୍ତ ସାମାଜିକ ପ୍ରଭାବ ଆକଳନ ।**

ଅଧ୍ୟୟନର ମୂଲ୍ୟାୟନ ଓ ସୁପାରିସ

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୭ ଉପଧାରା ୧ ଅନୁସାରେ ଗଠିତ ହୋଇଥିବା "ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ" ଦ୍ୱାରା ପୂର୍ବୋକ୍ତ ପ୍ରକାରେ ପ୍ରକାଶନ ହୋଇଥିବା ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଚୁଡାନ୍ତ ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ଏହାର ମୂଲ୍ୟାୟନ କରାଯାଇ ସରକାରଙ୍କ ନିକଟକୁ ଜଣାଇବାର ବ୍ୟବସ୍ଥା ରହିଅଛି ।

ତେଣୁ ଉକ୍ତ ଆଇନର ଧାରା ୭ ଉପଧାରା ୨ ମତେ ନିମ୍ନ ଦର୍ଶିତ ବ୍ୟକ୍ତି ବିଶେଷଙ୍କୁ ନେଇ 'ବିଶେଷଜ୍ଞ ଦଳ' ଗଠନ କରାଯାଇଅଛି ।

ସ୍ୱାତନ୍ତ୍ର-ବହୁଦର୍ଶୀ ବିଶେଷ୍ୟଜ୍ଞ ଦଳ

୧. ଶ୍ରୀଯୁକ୍ତ ସୌମେନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ପ୍ରଫେସର, ସମାଜବିଜ୍ଞାନ
୨. ଶ୍ରୀଯୁକ୍ତ ଅକ୍ଷୟ ଲେଙ୍କା, ଅବସରପ୍ରାପ୍ତ ପ୍ରଫେସର, ସମାଜବିଜ୍ଞାନ
୩. ନଗର ନିଗମ ସଦସ୍ୟ ଶ୍ରୀଯୁକ୍ତ ସୁଜିତ କୁମାର ସ୍ୱାଇଁ, ୱାର୍ଡ ନଂ. ୫୦, ଭୁବନେଶ୍ୱର ପୌର ନିଗମ
୪. ଶ୍ରୀଯୁକ୍ତ ବ୍ରଜ କିଶୋର ପଟ୍ଟନାୟକ, ଓ.ଏ.ଏସ (ଅବସରପ୍ରାପ୍ତ)
୫. ଶ୍ରୀମତୀ ପୁଷ୍ପଲତା ସାହୁ, ଓ.ପ୍ର.ସେ, (ବରିଷ୍ଠ), ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା
୬. ହୃଦୟ ବଲ୍ଲଭ ସାମନ୍ତରାୟ, ୱାର୍ଡ ନଂ. ୬୨, ଭୁବନେଶ୍ୱର ପୌର ନିଗମ
୭. ଅତିରିକ୍ତ, ଭୂ-ଅର୍ଜନ ଅଧିକାରୀ, ଜି.ଏ ଆଣ୍ଡ ପି.ଜି ବିଭାଗ, ଓଡିଶା, ଭୁବନେଶ୍ୱର
୮. ପ୍ରକଳ୍ପ ବିଶେଷଜ୍ଞ

ଉପରୋକ୍ତ ବ୍ୟକ୍ତି ବିଶେଷ ମାନଙ୍କ ମଧ୍ୟରୁ ଶ୍ରୀଯୁକ୍ତ ବ୍ରଜ କିଶୋର ପଟ୍ଟନାୟକ, ଓ.ଏ.ଏସ (ଅବସରପ୍ରାପ୍ତ) ଙ୍କୁ ଅଧ୍ୟକ୍ଷ ରୂପେ ମନୋନୟନ କରାଗଲା ।

ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ନିମନ୍ତେ ସମୀକ୍ଷା ବୈଠକ ।

ଆଇନର ଧାରା ୭ ଉପଧାରା ୧ ଅନୁସାରେ ପ୍ରକାଶନ ହୋଇଥିବା ଚୁଡାନ୍ତ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ତଥା ସୁପାରିଶ ନିମନ୍ତେ ଗଠିତ ହୋଇଥିବା "ସ୍ୱତନ୍ତ୍ର-ବହୁଦର୍ଶୀ ବିଶେଷଜ୍ଞ ଦଳ" ଙ୍କ ଏକ ବୈଠକ ଆହ୍ୱାନ କରାଯାଇଥିଲା । ଉକ୍ତ ବୈଠକକୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟ ସୂଚି ମତେ ତା. ୦୭.୦୬.୨୦୧୮ ରିଖ ଅପରାହ୍ଣ ଘ. ୫.୩୦ ଣ୍ଟା ସମୟରେ ସ୍ପେଶାଲ ସର୍କିଟ ହାଉସ, ଭୁବନେଶ୍ୱର ସଭା ଗୃହରେ ଅନୁଷ୍ଠିତ କରାଯାଇଥିଲା ।

ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ ରିପୋର୍ଟ ମୂଲ୍ୟାୟନ

ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ଅନୁଧ୍ୟାନ କରି ଉପସ୍ଥିତ ବିଶେଷଜ୍ଞ ଦଳ ସନ୍ତୋଷ ପ୍ରକାଶ କରିଥିଲେ ।ଏହି ପ୍ରକଳ୍ପ ନିମିତ ଜମି ଅଧିଗୃହିତ ହେବାର ଆବଶ୍ୟକତା କୁ ବିଶେଷଜ୍ଞ ଦଳ ହୃଦବୋଧ କରିଥିଲେ ।

ଏହା ପରେ ଜନଶୁଣାଣିରେ ଉତ୍ଥାପିତ କେତେକ ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରି ତାହାର ସମାଧାନ ନିମନ୍ତେ ନିମ୍ନ ମତେ ଆଲୋଚନା କରାଯାଇଥିଲା ।

ପ୍ରକଳ୍ପ ନିମନ୍ତେ ଅଧିଗୃହିତ ହେଉଥିବା ଜମିର କ୍ଷତିପୂରଣ ରାଶି ବର୍ତ୍ତମାନର ସରକାରୀ ନିର୍ଦ୍ଧାରଣ ମୂଲ୍ୟ ଆଧାରରେ ସ୍ଥିର କରିବାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଗଲା । ଉକ୍ତ ଜମିର ବଜାର ଦର ନିର୍ଦ୍ଧାରଣ ନିମନ୍ତେ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଆଇନ ଆଧାରରେ ନିକଟତମ ମୌଜା ଗୁଡିକରେ ହୋଇଥିବା ସମସ୍ତ ବିକ୍ରି ଦଲିଲ ଗୁଡିକୁ ତର୍ଜମାକରି ସ୍ଥିର କରିବାକୁ ପ୍ରସ୍ତାବ ରଖାଗଲା ।

ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ ଥିବା ବାରମାସୀ ଜଳଉସ୍ତ "ବ୍ରାହ୍ମଣୀ ଝରଣ" କୁ ପୋତି ନଦେଇ ସ୍ଥାନୀୟ ଲୋକମାନଙ୍କର ବ୍ୟବହାର ଯୋଗ୍ୟ କରିବା ନିମନ୍ତେ ବିକଳ୍ପ ବ୍ୟବସ୍ଥା କରିବାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଗଲା ।

ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ ଥିବା ଦୁଇଟି ପରିବାର ର ଅଧା ପକ୍କା ଘରର କ୍ଷତି ହେଉଥିବାରୁ କ୍ଷତିପୂରଣ ସହ ସେମାନଙ୍କୁ ପୁନର୍ବାସ ଓ ଥଇଥାନ ଅନୁଯାୟୀ ଉଚିତ ପ୍ରାପ୍ୟ ପ୍ରଦାନ କରିବାକୁ ପ୍ରସ୍ତାବ ରଖାଗଲା । ପୁନଶ୍ଚ ଯେଉଁଠାରେ ଅଧିଗୃହିତ ଜମି ଉପରେ ବୃକ୍ଷ ରହିଛି ସେଠାରେ ବୃକ୍ଷର ମୂଲ୍ୟାୟନ ସହିତ କ୍ଷତିପୂରଣ ପ୍ରଦାନ କରିବାକୁ ପରାମର୍ଶ ଦିଆଗଲା । ବିମାନ ବନ୍ଦର ଉନ୍ନୟନ ପ୍ରକଳ୍ପ ରାଜ୍ୟ ନିମନ୍ତେ ବହୁତ ଆବଶ୍ୟକ ଥିବାରୁ ଏବଂ ଏହା ଏକ ଉପଯୋଗୀ ପ୍ରକଳ୍ପ ହେଉଥିବା ଯୋଗୁ ସରକାର ଏହାକୁ ପ୍ରଥମିକତା ଆଧାରରେ ତୁରନ୍ତ ପଦକ୍ଷପ ନେବାକୁ ସୁପାରିଶ କରାଗଲା ।

ପରିଶେଷରେ ବିଶେଷଜ୍ଞ ଦଳ ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ପ୍ରାଞ୍ଜଳ ଭାବେ ଅନୁଧ୍ୟାନ କରି ଏହା ଏକ ଉତ୍କୃଷ୍ଟ ଏବଂ ଉପଯୁକ୍ତ ସର୍ବେକ୍ଷଣ ବିବରଣୀ ପ୍ରସ୍ତୁତ ହୋଇଥିବା ହୃଦବୋଧ କରି ଉଚ୍ଚ ପ୍ରଶଂସା କରିଥିଲେ । ବିଶେଷଜ୍ଞ ଦଳ ଏହି ଜମି ଅଧିଗ୍ରହଣରେ ସାମୁହିକ ସ୍ୱାର୍ଥ ଜଡିତ ରହିଛି ବୋଲି ହୃଦବୋଧ କଲେ ।

ଶେଷରେ ନୂତନ ଆଇନର ପ୍ରଦତ୍ତ ବ୍ୟବସ୍ଥାକୁ ପର୍ଯ୍ୟାଲୋଚନା କରିବାପରେ ପ୍ରସ୍ତୁତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ରିପୋର୍ଟକୁ ସୁପାରିଶ କରି ଯଥା ଯୋଗ୍ୟ ସରକାରଙ୍କ ନିକଟକୁ ପ୍ରେରଣ କରିବା ପାଇଁ ନିଷ୍ପତ୍ତି ନିଆଗଲା ।

ସଭା ଶେଷରେ ଆବାହକ ସଦସ୍ୟ ତଥା ଭୂ-ଅର୍ଜନ ଅଧିକାରୀ ଉପସ୍ଥିତ ସମସ୍ତ ସଭ୍ୟ ତଥା ଅଧକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଅଧକ୍ଷ
"ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ"
ଖୋର୍ଦ୍ଧା